# Akashvani, Sambalpur

## SAMBALPURI NEWS EVENING BULLETIN

## 3 January 2026 - 7.02 pm- 7.12 pm.

**********************************************

୧- ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୫ ବିଜ୍ଞପ୍ତିଥି ଓଏଏସ୍ ଆଉ ଓଆର୍ଏସ୍ କେଡର୍ ସାମିଲ୍ କର୍ବାର୍କେ ଲୋକସେବା ଆୟୋଗ୍କେ ମୁଖ୍ୟମନ୍ତ୍ରୀଙ୍କର ଅନୁରୋଧ ।

୨- 'ଶିକ୍ଷା, ସେଚତନତା, ପ୍ରଯୁକ୍ତିଥି ପରିବର୍ତନ' ବାର୍ତା ନେଇକରି ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସର୍ ହେଲା ଶୁଭାରମ୍ଭ ।

୩- କଂସ ବଧ ସହେତେ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଆଏଜ୍ ହେଉଛେ ଉଦ୍ଯାପିତ୍ ।

୪- ପାରମ୍ପରିକ୍ ରୀତି ନ ପାଲିତ୍ ହେଲା ମହାନ୍ କୃଷିଭିତିକ୍ ପରବ୍ ପୁଷ୍ପୁନି ।

ଆଉର୍

୫- ସମ୍ବଲପୁର ବିର୍ସାମୁଣ୍ଡା ପଡ଼ିଆ ନ ଆଏବାକାଏଲ୍ନୁ ମୁଲ୍ ସମ୍ବଲପୁର ଲୋକ ମହୋତ୍ସବ ।

ଓପିଏସ୍‌ସି ପଦ୍‌ବୀ-ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ I&PR

ଓଡ଼ିଶା ଲୋକ ସେବା ଆୟୋଗ ତର୍‌ଫୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୨୫ ଲାଗି କିଛିଦିନ୍ ଆଗୋନୁ ବିଜ୍ଞପ୍ତି ବାହାରିଥିଲା । ଇଥି ଓଏଏସ୍, ଓଆର୍‌ଏସ୍ ବାଗିର୍ କେତେଟା କେଡର୍‌ଥି ବିଲ୍‌କୁଲ୍ ପଦ୍‌ବୀ ନାଇଥିବାର୍‌ନୁ ଆଶାୟୀଙ୍କର୍ ଭିତ୍‌ରେ ଅସନ୍ତୋଷ ଦେଖାଦେଇଥିଲା । ଇ ବାବ୍‌ଦେ ଖବର୍ ପାଏବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁର୍‌ତି ହସ୍ତକ୍ଷେପ୍ କରିଛନ୍ । ମୁଖ୍ୟମନ୍ତ୍ରୀ ସବୁ ପଦ୍‌ବୀର୍ ସମୀକ୍ଷା କରିକରି ଖାଲି ଥିବା ଭିନ୍ ଭିନ୍ ପଦ୍‌ବୀ ପୂରଣ ଲାଗି ନିର୍ଦ୍ଦେଶ ଦେଇଛନ୍ । ଓଡ଼ିଶା ପ୍ରଶାସନିକ ସେବାଥି ୧୪ଟା, ଓଡ଼ିଶା ରାଜସ୍ୱ ସେବାଥି ଶହେ ୧୩ଟା, ଓଡ଼ିଶା ପରିବହନ ସେବାଥି ୧୬ଟା, ଓଡ଼ିଶା ମଙ୍ଗଳ ସେବାଥି ୮ଟା ପଦ୍‌ବୀ ପୂରଣ ଲାଗି ସରକାରଙ୍କର ତର୍‌ଫୁ ଓଡ଼ିଶା ଲୋକ ସେବା ଆୟୋଗ୍‌କେ ଅନୁରୋଧ କରାଯାଇଛେ । ଇତାର୍ ଜରିଏ ବହୁତ୍ ଆଶାୟୀ ଯୁଆନ୍ ପିଲାଟୁକେଲ୍ ନିଜର୍ ଯୋଗ୍ୟତା ବଲେ ସଫଲ୍‌ତା ପାଇପାରେ୍‌ବେ ବଲି କୁହାଯାଇଛେ । ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକେ ସବୁନୁ ଜହ ଧ୍ୟାନ୍ ଦେଇକରି ଗଲା ୧୮ ମାସ୍ ଭିତ୍‌ରେ ପାଖାପାଖି ୪୦ ହଜାର ସରକାରୀ ପଦ୍‌ବୀ ପୂରଣ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ କହିଛନ୍ ।

ଜାତୀୟ ସଡ଼କ ସୁରକ୍ଷା ମାସ        ଆର୍‌ଏନ୍‌ୟୁ/ କଟକ

ସମ୍ବକର ସହଯୋଗ ଆଉ ସହଭାଗିତାଥି ସୁରକ୍ଷା ସମ୍ଭବ ହେଇପାର୍‌ବା ବଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍। ଭୁବନେଶ୍ୱର ନ ଆଏଜ୍ 'ଶିକ୍ଷାନୁ ସଚେତନତା, ପ୍ରଯୁକ୍ତିଥି ପରିବର୍ତନ' ବାର୍ତା ନେଇକରି ହେଇଥିବା ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରି କରି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ନିରାପଦ ଯାତ୍ରା ସୁରକ୍ଷିତ ଜୀବ୍‌ନର ସଂକଳ୍ପ ହେବାର୍ ଦର୍‌କାର। ସଡ଼କ ନିୟମ୍‌ର ଅନୁପାଲନ୍ କରି କରି ଜୀବନ୍ ରକ୍ଷାର୍ ବର୍‌କସ୍ ଜରିଆ ବାଛ୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ଜେନା ରାଜ୍ୟବାସୀଙ୍କୁ ଅନୁରୋଧ କହିଛନ୍।

(ଭଏସ୍-ପରିବହନ ମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଆଇନ ଆଉ ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ୍ ଦେଇକରି ସଭେ ଟ୍ରାଫିକ୍ ନିୟମ୍‌କେ ନେଇକରି ସଚେତନ୍ ହେବାର୍ ସଙ୍ଗେ ଦାୟିତ୍ୱବାନ୍ ନାଗରିକ ଭାବେ ଗାଡ଼ି ଚଲାବାର୍‌କେ ପରାମର୍ଶ ଦେଇଛନ୍। ଇ ଅବ୍‌ସରେ ସଡ଼କ ସୁରକ୍ଷା ସଙ୍ଗୀତର ଉନ୍ମୋଚନ, ଶପଥପାଠ୍ ଆଉ ଏକତା ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା। କାର୍ଯ୍ୟକ୍ରମଥି ବାଚସ୍ପତୀ ସୁରମା ପାଢ଼ୀ, ମତ୍ସ୍ୟ ଆଉ ପ୍ରାଣୀ

ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

ରାସନ କାର୍ଡ-ଇ କେଓ୍ୱାଇସି I&PR

ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାର୍ ସବୁ ହିତାଧିକାରୀ ରାସନ୍ କାର୍ଡ ଲାଗି ଆଧାର ଭିତିକ୍ ଇ-କେଓ୍ୱାଇସି କର୍‌ବାର୍ ପ୍ରକ୍ରିୟାର୍ ସମିଆକେ ଫେବୃୟାରୀ ମାସ୍‌ତକ୍ ବଢ଼େଇଛନ୍ । ହିତାଧିକାରୀମାନେ ସେମାନ୍‌କର ଆଧାର୍ ସଂଯୁକ୍ତ ଇ-କେଓ୍ୱାଇସି ରାଜ୍ୟର୍ ସାଧାରଣ ବଂଟନ୍ ବ୍ୟବସ୍ଥା ଅନ୍ତର୍ଗତ୍ ସବୁ ଦୋକାନ, ବ୍ଲକ୍ ଆଉ ପୌରାଂଚଲ କାର୍ଯ୍ୟାଳୟ ନ ଥିବା ରାସନ କାର୍ଡ ପରିଚାଲ୍‌ନା କେନ୍ଦ୍ରମାନ୍‌କେ କରିପାର୍‌ବେ ।

ଜାନକୀ ପଟ୍ଟନାୟକଙ୍କର ଜୟନ୍ତୀ I&PR

ଓଡ଼ିଶାର ଆଘର୍ ମୁଖ୍ୟମନ୍ତ୍ରୀ ଆଉ ସାରସ୍ୱତ ସାଧକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ ଅବ୍‌ସରେ ଭୁବନେଶ୍ୱର କେପିଟାଲ୍ ହାଇସ୍କୁଲ୍ ପଡ଼ିଆ ନ ହେଇଥିବା ସ୍ୱର୍ଗତ

ପଟ୍ଟନାୟକଙ୍କର ଜୟନ୍ତୀ ସମାରୋହକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ୍ କରିଛନ୍ । ସ୍ୱର୍ଗତ ପଟ୍ଟନାୟକଙ୍କର ଦୂରଦର୍ଶୀ ଚିନ୍ତାଧାରା ଆଉ କର୍ମନିପୁଣତା ଲାଗି ଓଡ଼ିଶାକେ ଗୁଟେ ନୂଆ ପରିଚୟ ମିଳିପାରିଥିଲା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଛତିଶଗଡ଼ ନକ୍ସଲ ନିହତ X

ଛତିଶଗଡ଼ର କୋଂଟା କିସ୍ତରାମ ଜଙ୍ଗଲ ନ ଆଏଜ୍ ସୁରକ୍ଷା ବାହିନୀ ଆଉ ନସ୍କଲ ଗୋଷ୍ଠୀ ମୁହାଁମୁହିଁ ହେଇଛନ୍ । କମ୍ବିଂ ଅପରେସନ୍ ବେଲ୍‌କେ ସୁରକ୍ଷା ବାହିନୀର୍ ଗୁଲିମାଡ଼ୁଥି ୧୪ ଝନ୍ ନକ୍ସଲବାଦୀଙ୍କର ଜୀବନ୍ ଯାଇଥିବା ସୂଚ୍‌ନା ମିଲିଛେ । ଇଥି ବଡ଼ ବଡ଼ ନକ୍ସଲ ନେତାଙ୍କର ଜୀବନ୍ ଯାଇଥିବା ଜନାପଡ଼ିଛେ । ଇ ସମିଆଥି ଏକେ-୪୭, ଇନ୍‌ସାସ୍ ବନ୍ଧୁକ ସହେତେ ବହୁତ୍‌ଟେ ବିସ୍ଫୋରକ ଦରବ୍ ଭିଲ୍ ଜବତ୍ କରାଯାଇଛେ ।

ଧନୁଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଏଜ୍ ଉଦ୍‌ଯାପିତ୍ ହେଉଛେ । ୧୧ ଦିନ୍ ଧରିକରି ଚାଲିଥିବା ଧନୁଯାତ୍ରା

ମହୋତ୍ସବର୍ ଶେ୍ ଦିନେ ଆଏଜ୍ ମଥୁରା ନଗରୀକେ କୃଷ୍ଣ, ବଳରାମ ପୁହଁଚିବାର୍ ଉତ୍ରୁ ସାରା ସହର୍ ଉତ୍ସବମୁଖର୍ ହେଇଉଠିଛେ । ଇ ବାବ୍‌ଦେ ଆମର ବରଗଡ଼ ସମ୍ବାଦଦାତାରଙ୍କ ଗୁଟେ ରିପୋର୍ଟ....

(ଭଏସ୍-ଉମେଶ ବିଶ୍ୱାଳ)

ମହୋତ୍ସବର୍ ଶେଷ୍ ଦିନେ ଆଏଜ୍ ବରଗଡ଼ ସହର୍ ନ ଦର୍ଶକଙ୍କର ଜନସମୁଦ୍ର ଲାଗି ରହିଛେ ।

ପୌରପାଳିକା ସମ୍ପ୍ରସାରଣ ତଥ୍ୟ ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ଭୁବନେଶ୍ୱର ମହାନଗର ନିଗମ ଆଉ ବ୍ରହ୍ମପୁର ମହାନଗର ନିଗମର ସମ୍ପ୍ରସାରଣ ଲାଗି ମିଶା ଯାଇଥିବା ଗାଁର୍ ତାଲିକା ପ୍ରକାଶ କରିଛନ୍ । ଇତାର୍ ସହେତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୩ଟା ଜିଲ୍ଲାର୍ ୭ଟା ନୂଆ ପୌରପାଳିକା ଆଉ ପୁରୀ ମହାନଗର ନିଗମ ନ ଭିଲ୍ ମିଶ୍‌ବାର୍‌କେ ଥିବା ଗାଁମାନ୍‌କର ତାଲିକା ପ୍ରକାଶ କରିଛନ୍ ।

ଇସିଆଇ ନେଟ୍ ଆପ୍ I&PR

ଇସିଆଇ ନେଟ୍ ଆପ୍‌କେ ଆହୁରି ଉନ୍ନତ୍ କର୍‌ବାର୍ ଲାଗି ଭାରତୀୟ ନିର୍ବାଚନ ଆୟୋଗ-ଇସିଆଇ ତର୍‌ଫୁ ଜନସାଧାରଣଙ୍କର୍ ମତାମତ ମଗାଯାଇଛେ । ଦେଶ୍‌ବାସୀ ଇ ଆପ୍‌କେ ଡାଉନ୍ ଲୋଡ୍ କରି କରି ତାର୍ ଭିତ୍‌ରେ ଥିବା 'ସବ୍‌ମିଟ୍ ଏ ସଜେସନ୍' ଟେବ୍ ବେଭାର୍ କରି କରି ସେମାନଙ୍କର ସୁନିଶ୍ଚିତ୍ ମତାମତ୍ ଦେବାର୍ ଲାଗି ଅନୁରୋଧ କରାଯାଇଛେ । ଲୁକେ ଇ ବାବ୍‌ଦେ ଆଏବା ୧୦ ତାରିଖ୍ ଭିତ୍‌ରେ ମତାମତ ଦେଇପାର୍‌ବେ ।

ସୁପର୍ ମୁନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବଛ୍‌ରର୍ ପହେଲା ସୁପର୍ ମୁନ୍ ଆଏଜ୍ ଦେଖାଯାଇଛେ । ଇ ବିରଳ ମହାଜାଗତିକ ଦୃଶ୍ୟକେ ସୂର୍ଯ୍ୟସ୍ତ ହେଉନ୍‌ସାର୍ ଭାରତର୍ ସବୁ ଜାଗାନ ଖାଲି ଆଖି ଦେଖି ହେଉଛେ । ପୁର୍‌ଥି ନୁ ୩ ଲାଖ୍ ୬୨ ହଜାର୍ କିଲୋମିଟର୍ ଦୂରିଆନୁ ରହୁଥିବାର୍‌ନୁ ଆଏଜ୍ ଚନ୍ଦ୍ରର୍ ଲାଲ୍ ବରନ୍ ହେଇଛେ । ଇ ସମିଆଥି ଚନ୍ଦ୍ର ୧୪ ପ୍ରତିଶତ୍ ବଡ଼ ଦେଖାଯିବାର୍ ସହେତେ ୩୦ ପ୍ରତିଶତ୍ ଅଏତ୍‌କା ଉଜଲ୍ ଦେଖାଯାଉଛେ । ସୂଚ୍‌ନା ଅନ୍‌ସାରେ, ନଭେମ୍ବର୍ ୨୪ ତାରିଖ୍ ୨

ନମ୍ବର୍ ଆର୍ ଡିସେମ୍ବର୍ ୨୩ ତାରିଖ୍ ୩ ନମ୍ବର୍ ସୁପର୍‌ମୁନ୍ ଦେଖାଯିବା ।

ପୁଷ୍‌ପୁନି ଆର୍‌ଏନ୍‌ୟୁ ସମ୍ବଲପୁର/ ସୁବର୍ଣ୍ଣପୁର/ ନୂଆପଡ଼ା ସମ୍ବାଦଦାତା

ପଶ୍ଚିମ୍ ଓଡ଼ିଶାର୍ ସହର୍‌ନୁ ଗାଁ ତକ୍ ଆଏଜ୍ ପୁଷ୍‌ପୁନି ପାଲନ୍ କରାଯାଉଛେ । ଧାନ୍ ଦାଇ କରି ଘର୍‌କେ ଆନ୍‌ଲା ଉତ୍‌ରୁ ଲୁକେ ଖୁସିବାସିର୍ ପରବ୍ ପୁଷ୍‌ପୁନି ମାନ୍‌ସନ୍ । ଇ ଅବ୍‌ସରେ ମାଏନ୍‌ମନ୍‌ସା ପାରମ୍ପରିକ୍ ପିଠାପନା ଆଉ ତୁନ୍‌ଶାଗ୍ ରନ୍ଧା ହେସି । ସୁରୁସୁରୁ ଛୁଆମାନେ ପଡ଼ାପାଟ୍‌କେ ଘର୍ ଘର୍ ଯାଇକରି ଛେର୍‌ଛେରା ମାଗ୍‌ସନ୍ ଆର୍ ସେଥି ଭୁଜିଭାତି କର୍‌ସନ୍ । ଖଟିଖିଆ ଲୁକେ ଇ ଦିନ୍‌ଟା ବହୁତ୍ ଉସ୍‌ନାକିଥି ପାଲନ୍ କର୍‌ସନ୍ ।

ପୁଷ୍‌ପୁନି ତିହାର୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଉସ୍‌ନାକିର୍ ସହେତେ ପାଲିତ୍ ହେଇଯାଇଛେ । ଘରେ ଘରେ ପିଠାପନା, ଖାନ୍ ପାନ୍ ତିଆର୍ କରାଯାଇଛେ । ଭିନ୍ ଭିନ୍ ଗାଁ ନ ଲୋକ୍‌କଲାର୍ ପ୍ରଦର୍ଶନ୍ କରାଯିବାର୍ ସହେତେ ଛୁଆମାନେ ଛେର୍‌ଛେରା ମାଗିଥିଲେ । ଭିନ୍ ଭିନ୍ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ପୁ ପୁଷ୍‌ପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ଗାଁନୁ ସହର୍‌ତକ୍ ପୁଷ୍‌ପୁନି ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ଗାଁ ଗହଲିନ ଛୁଆମାନେ ଛେର୍‌ଛେରା ମାଗିଥିଲା ବେଲ୍‌କେ ସହରେ ରାହଗିରି କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିଥିଲା ।

ଶ୍ରୀମନ୍ଦିର-ଦେବାଭିଷେକ ନୀତି                ପୁରୀ ସମ୍ବାଦଦାତା

ପୁଷ୍‌ପୁନି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ଦେବାଭିଷେକ ନୀତି କରାଯାଉଛେ । ଇ ଅବ୍‌ସରେ ମାହାପୁରୁମାନେ ସୁନାବେଶଥି ଦର୍ଶନ୍ ଦେଉଛନ୍ । ଆଝିରର୍ ଦିନେ ପ୍ରଭୁ ରାମଚନ୍ଦ୍ର ବନବାସ୍‌ନୁ ଫିରିକରି ରାଜା ହେଇଥିଲେ । ସେଥିର୍‌ଲାଗି ଶ୍ରୀମନ୍ଦିର ପରମ୍ପରା ଅନ୍‌ସାରେ ଆଏଜ୍ ଶ୍ରୀଜଗନ୍ନାଥଙ୍କର୍ ଅଭିଷେକ ନୀତି ପାଲନ୍ କରାଯାଉଛେ । ମାହାପୁରୁଙ୍କୁ ଆଏଜ୍ ଚନ୍ଦନ ଲାଗି କରାଯିବାର୍ ଉତ୍‌ରୁ ଗଲାକାଏଲ୍‌ନୁ ଅଧିବାସ ଗୃହ ନ ରଖା ଦେଇଥିବା ଘି ମିଶା ଶହେ ୮ ଗରିଆ ପବିତ୍ର ଜଲ୍‌ଥି ମାହାପୁରୁଙ୍କୁ ସ୍ନାନ୍ କରାଯାଇଥିଲା । ସକାଲ ଧୂପ ନୀତି ଉତ୍‌ରୁ ମାହାପୁରୁଙ୍କୁ ଭିନ୍ ଭିନ୍ ସ୍ୱର୍ଣ୍ଣ ଅଲଙ୍କାରଥି ସଜାଯାଇଥିଲା ।

ପୁଷ୍ପୁନି ଅବ୍‌ସରେ ସ୍ୱର୍ଗଦ୍ୱାର ସାମ୍ନା ସମୁଦ୍ର ଖଣି ଆଏଜ୍ ଗୋବର୍ଦ୍ଧନ ମଠ ପୀଠାଧିଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହୋଦଧି ଆଳତି କରୁଛନ୍ ।

ସମ୍ବଲପୁର ଲୋକ ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ବିର୍ସାମୁଣ୍ଡା ପଡ଼ିଆ ନ ଆଏବାକାଏଲ୍‌ଠାନୁ ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ମୁଲ୍ ହେବା । ୩ ଦିନ୍ ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ମାନେ ସାମିଲ୍ ହେବେ । ଇଥିର୍ ଲାଗି ଗୁଟେ ସାଂସ୍କୃତିକ ଶୋଭାଯାତ୍ରା ଆଏବାକାଏଲ୍ ସଖାଲର୍ ୯ ବଜେ ସମଲେଇ ମନ୍ଦିର ନୁ ବାହାରିକରି ଗଙ୍ଗାଧର ମଣ୍ଡପତକ୍ ଯିବା । ଉଦ୍‌ଘାଟନୀ ସମାରୋହଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ପାଠଗାର ଉଦ୍‌ଘାଟନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପାଠାଗାର ନ ଜିଲ୍ଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମ ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲାପାଳ ମଧୁସୂଦନ୍ ଦାସ ଇତାର୍ ଉଦ୍‌ଘାଟନ୍ କରି କରି ପୁସ୍ତକ ପଠନ୍ ଆଉ ପାଠାଗାର ଆନ୍ଦୋଳନ ଇ ମୋବାଇଲ୍ ଯୁଗେ ପହି ପଢ଼୍‌ବାର୍ ଅଭ୍ୟାସ୍‌କେ ବଁଚେଇ ରଖିବାର୍ ଗୁଟେ ବଡ଼ ମାଧମ ବଲି କହିଛନ୍ ।

ହକି ଇଣ୍ଡିଆ ଲିଗ୍ ମେଚ୍ ଆର୍‌ଏନ୍‌ୟୁ/ କଟକ

ହକି ଇଣ୍ଡିଆ ତର୍‌ଫୁ ଆଏଜ୍‌ଠାନୁ ପୁରୁଷ ଆଉ ମହିଳା ବର୍ଗଥି ହକି ଇଣ୍ଡିଆ ଲିଗ୍‌ର ୭ନମ୍ବର ସଂସ୍କରଣ ମୁଲ୍ ହେଇଛେ । ସଞ୍ଜବେଲର ୫ ବଜେ ରାଂଚିଠାନେ ମହିଳା ବର୍ଗଥି ଜେ.ଏସ୍.ଡବ୍ଲ୍ୟ. ସୁର୍‌ମା ହକି କ୍ଲବ୍ ଆଉ ଏସ୍.ଜି. ପାଇପର୍ସ ଦଲ୍ ଭିତ୍‌ରେ ମେଚ୍ ଚାଲିଛେ । ସେନ୍ତା ଚେନ୍ନାଇନ ପୁରୁଷ ବର୍ଗଥି ସାଢ଼େ ୭ ବଜେ ତାମିଲନାଡୁ ଡ୍ରାଗନ୍ସ ଆଉ ହାଇଦ୍ରାବାଦ୍ ତୁଫାନ୍ସ ଭିତ୍‌ରେ ମେଚ୍ ଖେଲାଯିବା । ଇ ବଛର୍ ଟୁର୍ଣ୍ଣାମେଂଟଥି ୮ଟା ଦଲ୍ ଭାଗ୍ ନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ଆଉ ଶୀତ୍ କମ୍‌ବା । ଆଏବାକାଏଲ୍ ସଖାଲେ ରାଜ୍ୟର ବଡ୍‌ଭାଗି ଜାଗା ନ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।